## ସଂକ୍ଷେପରେ

### ବାଡ଼ିରୁ କନ୍ୟା ଭ୍ରୁଣ ଠାବ

**କାମାକ୍ଷାନଗର, ୨୦।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ପାଣିଚପଲ ସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଶନିବାର ଏକ କନ୍ୟା ଭ୍ରୁଣଠାବ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ସକାଳେ ବାଡ଼ିରେ ସଫେଇ କରୁଥିବାବେଳେ ଭ୍ରୁଣ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପୋଲିସକୁ ଅବଗତ କରାଯାଇଛି। ଅନୈତିକ ସମ୍ପର୍କରୁ କେହି ଜଣେ ଭ୍ରୁଣ ହତ୍ୟା କରି ଫୋପାଡ଼ି ଦେଇଥିବା ଚର୍ଚ୍ଚା ହେଉଛି।

### ଅଷ୍ଟପ୍ରହର ନାମଯଜ୍ଞ

**ଗଁଦିଆ, ୨୦।୧୧:** ଗଁଦିଆ ବ୍ଲକ ଅନ୍ତର୍ଗତ ଐତିହ୍ୟସମ୍ପନ୍ନ ଗ୍ରାମ ଖଙ୍କିରାରେ କାର୍ତ୍ତିକମାସ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଭକ୍ତିଧର୍ମର ଅନ୍ୟତମ ପ୍ରଚାରକ ଶ୍ରୀଚୈତନ୍ୟଙ୍କ ଦ୍ୱାରା ଏହି ସଂକୀର୍ତ୍ତନ ଅନୁଷ୍ଠାନ ଆରମ୍ଭ ହୋଇଥିବା ପୁରୁଖା ଲୋକେ କହୁଥିବାବେଳେ ଗ୍ରାମବାସୀ ଏହି ପରମ୍ପରାକୁ ଆଗକୁ ନେଉଛନ୍ତି। ଏହାକୁ ନେଇ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଦୁର୍ଘଟଣାରେ ୨ ଡାକ କର୍ମଚାରୀ ଆହତ

**ଜଳେଶ୍ୱର, ୨୦।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ସୁଗୋ ନିକଟରେ ତଥା ୫୭ନଂ. ରାଜ୍ୟ ରାଜପଥରେ ୨ ଯୁବକ ଦ୍ରୁତଗତିରେ ବାଇକ୍‌ରେ ଗଲା ବେଳେ ରାସ୍ତାକଡରେ ଛିଡା ହୋଇଥିବା ଏକ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ଟି ନୟନଯୋରିରେ ପଡିବା ସହ ୨ ଯୁବକ କାଦୁଅରେ ପୋତି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ମୟୂରଭଞ୍ଜ ଜିଲା ଜରଣ୍ଡା ଅଞ୍ଚଳର ବିକ୍ରମ ନାୟକ (୨୩) ଓ ଶାନ୍ତନୁ ପାଣ୍ଡୁକି (୨୦) କମର୍ଦ୍ଦା ଡାକଘରେ କର୍ମଚାରୀ ରୂପେ କାର୍ଯ୍ୟ କରନ୍ତି । ଶନିବାର ଗାଁକୁ ଯିବା ଲାଗି ଦ୍ରୁତଗତିରେ ଗଲା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

### ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୨୦।୧୧:** କଟକ ଯୋବ୍ରା ବ୍ୟାରେଜ ନିକଟରୁ ଶନିବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପ୍ୟାଣ୍ଟ ପ୍ୟାକେଟରୁ ଏକ ପର୍ସ, ଆଧାର କାର୍ଡ, ପାନ୍‌କାର୍ଡ ଓ ମୋବାଇଲ ଫୋନ ଜବତ ହୋଇଛି। ଆଧାର କାର୍ଡରେ ମୃତକଙ୍କ ନାମ ସଚିନ ସାହୁ(୨୦) ବୋଲି ଲେଖାହୋଇଛି। ପରେ ଜଗତପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ଘର ଅନୁଗୋଳ ଅଞ୍ଚଳରେ ବୋଲି ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି।

### ଡଙ୍ଗା ଆଣିବାକୁ ଯାଇ ବୁଡ଼ିଗଲେ ବାଳକ

**ବାହାନଗା, ୨୦।୧୧(ଡି.ଏନ.ଏ.)** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚକଜଗନ୍ନାଥପୁର ଗ୍ରାମ ଦୁର୍ଗାମଣ୍ଡପ ନିକଟସ୍ଥ ପୋଖରୀରେ ବୁଡ଼ି ଶନିବାର ରାଜେଶ କୁମାର ପାଢ଼ୀଙ୍କ ୫ବର୍ଷର ପୁଅ ପ୍ରାଣ ହରାଇଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସେ ଖେଳୁଥିବା ବେଳେ ଘର ଲୋକଙ୍କ ଅଜାଣତରେ ପୋଖରୀରେ ଭାସୁଥିବା ସୋଲଡଙ୍ଗା ଆଣିବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ବେଳକୁ ପୋଖରୀରୁ ମୃତଦେହ ଭାସୁଥିବା ଅବସ୍ଥାରେ ମିଳିଥିଲା।

# ଶାସକ-ବିରୋଧୀ ମୁହାଁମୁହିଁ

**■ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ**
**■ଉତ୍ତେଜନା, ୧୧୯ ଗିରଫ**

**ଢେଙ୍କାନାଳ ଅଫିସ / କାମାକ୍ଷାନଗର(ଡି.ଏନ୍.ଏ.), ୨୦।୧୧**

ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ପୋଲିସ ପହରା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଉପୁଜିଛି ଅପ୍ରୀତିକର ପରିସ୍ଥିତି। ଭାଜପା କର୍ମୀଙ୍କ କଳାପତାକା ପ୍ରଦର୍ଶନକୁ ନେଇ ମୁହାଁମୁହିଁ ହୋଇଛନ୍ତି ଶାସକ ଏବଂ ବିରୋଧୀ, ଯାହାକୁ ନେଇ ଢେଙ୍କାନାଳ ଗଣେଶ ବଜାର ଛକରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଶନିବାର ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଗସ୍ତରେ ଆସିଥିଲେ। ଏହାର ଅବ୍ୟବହିତ ପୂର୍ବରୁ ଗଣେଶ ବଜାର ଛକରେ ଭାଜପା ନେତା ଓ କର୍ମୀମାନେ କଳାପତାକା ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଉଥିଲେ, ଯାହାର ତୀବ୍ର ପ୍ରତିବାଦ କରିଥିଲେ ବିଜେଡି କର୍ମୀ। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉଭୟ ଗୋଷ୍ଠୀକୁ ନିବୃତ୍ତ କରାଇବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ପବିତ୍ର ବିଶ୍ୱାଳ, ସୁନୀଲ ଶର୍ମା, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଗିରଫ କରି ଟାଉନ ଥାନା, ଗୋବିନ୍ଦପୁର ଫାଣ୍ଡି ଏବଂ ସୋରିଷିଆପଦା ଅଞ୍ଚଳରେ ରଖିଥିଲା। ସେହିପରି କଂଗ୍ରେସ ଜିଲା ସଭାପତି ସରୋଜ ପଟ୍ଟନାୟକ, ପ୍ରେମଶଙ୍କର ମିଶ୍ର, ମମତାଞ୍ଜଳି ବେହେରା, ହାଇଦର ମହମ୍ମଦ, ଦୁର୍ଗାଦତ୍ତ ମିଶ୍ର ପ୍ରମୁଖଙ୍କୁ ଗିରଫ କରାଯାଇଥିଲା। ଏଥିପୂର୍ବରୁ ଶୁକ୍ରବାର ଢେଙ୍କାନାଳ ସୁରକ୍ଷା ସମିତିର ୫ ଜଣ ଗିରଫ ହୋଇଥିଲେ। ଦୁଇଦିନରେ ୧୧୯ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶନିବାର ଅପରାହ୍ନ ୨ଟା ପରେ ସମସ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଥିବା ଟାଉନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଅନୁରୂପ ଭାବେ କାମାକ୍ଷାନଗରରେ କଂଗ୍ରେସ ନେତା ପ୍ରଭୁଦତ୍ତ ଭଞ୍ଜ, କାମାକ୍ଷାପ୍ରସାଦ ପଣ୍ଡା, ଶରତ ପଟ୍ଟନାୟକ, ସନ୍ତୋଷ ମହାରଣା, ସଞ୍ଜୀବ ବେହେରା, ଦୁଃଶାସନ ସାହୁ, ରତିକାନ୍ତ ସାହୁ, ଅଭୟ ମହାପାତ୍ର, ବିପିନ ବେହେରା ଥାନାରେ ଅଟକ ଥିଲେ। ପୋଲିସର ଏଭଳି ଗିରଫଦାରି ଅଗଣତାନ୍ତ୍ରିକ। ମମିତା ମେହେରଙ୍କୁ ନ୍ୟାୟ ନ ମିଳିବା ଯାଏ ଆନ୍ଦୋଳନ, ପ୍ରତିବାଦ ଜାରି ରହିବ ବୋଲି ବିରୋଧୀ କହିଛନ୍ତି।

# କଳାପତାକା ପ୍ରଦର୍ଶନ, ୯୨ ଗିରଫ

**ଅନୁଗୋଳ ଅଫିସ, ୨୦।୧୧**

ଅନୁଗୋଳ ଗସ୍ତରେ ଶନିବାର ଆସିଥିବା ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ଓ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ଦୁଇ ଦଳ ପକ୍ଷରୁ ନବୀନ ଗୋ ବ୍ୟାକ୍ ସ୍ଲୋଗାନ ଦିଆଯାଇଥିଲା। ଏହି ସମୟରେ ବିଜେଡି କର୍ମୀଙ୍କ ସହ ଭାଜପା କର୍ମୀଙ୍କ ଧସ୍ତାଧସ୍ତି ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଏପରି ବିରୋଧ ପ୍ରଦର୍ଶନ ବେଳେ ପୋଲିସ ୯୨ ଜଣଙ୍କୁ ଗିରଫ କରି ପରେ ବେଲ୍‌ରେ ଛାଡ଼ି ଦେଇଥିଲା।

ଅନୁଗୋଳ ଥାନା ଛକଠାରେ କଂଗ୍ରେସର ମହିଳା କର୍ମୀମାନେ କଳା ପତାକା ଦେଖାଇ ବିରୋଧ କରିଥିବାବେଳେ ଭଜପା ମହିଳା ମୋର୍ଚ୍ଚା କାଞ୍ଚନ ଟକିଜ୍ ନିକଟରେ କଳା ପତାକା ଦେଖାଇଥିଲା। ସେହିପରି ଅନୁଗୋଳ କୋର୍ଟ ନିକଟରେ କଂଗ୍ରେସର ଜିଲା ସଭାପତି ବିପ୍ଳବ ଜେନା ଓ ଓକିଲମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଶିମିଳିପଡ଼ା ଗାନ୍ଧୀ ମୂର୍ତ୍ତି ତଳେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଜିଲା କଂଗ୍ରେସ ସମ୍ପାଦକ ରଶ୍ମିରଞ୍ଜନ ସାହୁ ଧାରଣା ଦେବା ସହ କଳା ପତାକା ପ୍ରଦର୍ଶନ କରିଥିଲେ। ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦୃଢ଼ ପ୍ରତିବାଦ କରାଯାଇଥିଲା। ଏହି ସମୟରେ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସଭାସ୍ଥଳକୁ ଧସେଇ ପଶିବା ପାଇଁ ଉଦ୍ୟମ କରିବା ସମୟରେ ବୁଢ଼ୀ ଠାକୁରାଣୀ ଛକରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନଙ୍କ ସହ ଅଶୋକ ମହାନ୍ତି, ସୁଦୀପ ଗଡ଼ନାୟକ ସଭାସ୍ଥଳକୁ ଆସୁଥିବା ସମୟରେ ଅନୁଗୋଳ ହାଇସ୍କୁଲଠାରେ ବିଜେଡି କର୍ମକର୍ତ୍ତାଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ପହଞ୍ଚି ଭାଜପାର କର୍ମକର୍ତ୍ତାଙ୍କୁ ଗିରଫ କରିଥିଲା। ମମିତାଙ୍କୁ ନ୍ୟାୟ ନ ମିଳିବା ଓ ଭାଜପା ପଚାରିଥିବା ୧୪ଟି ପ୍ରଶ୍ନର ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ବିରୋଧ ଜାରି ରହିବ ବୋଲି ଭାଜପା ଜିଲା ସଭାପତି ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଭାଜପାର ୫୮ଜଣ ଓ କଂଗ୍ରେସର ୩୪ଜଣ କର୍ମକର୍ତ୍ତାଙ୍କୁ ଅନୁଗୋଳ ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।



ଢେଙ୍କାନାଳ ଗଣେଶ ବଜାର ଛକରେ ଭାଜପା ଏବଂ ବିଜେଡି କର୍ମୀ ମୁହାଁମୁହିଁ।



ଅନୁଗୋଳ ହାଇସ୍କୁଲ ଠାରେ ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି।



ଅନୁଗୋଳ କୋର୍ଟ ନିକଟରେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଉଛି।

# ୪୭୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଶନିବାର ନବଭାରତ ଭେଞ୍ଚର୍ସ ଲିମିଟେଡ୍ କମ୍ପାନୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'ର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୪୭୨ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୂର୍ବତନ ସରପଞ୍ଚ ସଞ୍ଜୟ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀ ଅଧିକାରୀ ପି.ଜି. ସୁରେଶ କୁମାର, ଭି. ରାମକୃଷ୍ଣ, ଏମ୍. ଶ୍ରୀନିବାସ, ଅମିତ ଅବିନାଶ ଜେନା, ମନୀଷ ପାତ୍ର ଉପସ୍ଥିତ ଥିଲେ। ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ରକ୍ତ ଶର୍କରା, ରକ୍ତଚାପ, ହିମୋଗ୍ଲୋବିନ୍, ବ୍ଲଡ୍ ଗ୍ରୁପିଂ, ମ୍ୟାଲେରିଆ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ପମିଲ ପ୍ରଧାନ, ଡା. ସୁନିତା ବେହେରା, ଡା. ରାକେଶ ଜେନା, ଡା. ମାନସ ରଞ୍ଜନ ଦାସ, ଡା. ମମତା ସିଂ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ୧୪୦ଜଣଙ୍କ ଚକ୍ଷୁ ପରୀକ୍ଷା କରି ଚଷମା ଦିଆଯାଇଛି। ଫାର୍ମାସିଷ୍ଟ କମଳେଶ୍ୱର ନାୟକ, ଅମିତ ନାୟକ, ରୀତାଞ୍ଜଳି ନାୟକ, ରାଧାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ରବିନାରାୟଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।




ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥିମାନେ।

# ୮ ଶିକାରୀ ଗିରଫ

**କେନ୍ଦୁଝର/ତେଲକୋଇ, ୨୦।୧୧ (ସ୍ୱ.ପ୍ର./ଡି.ଏନ.ଏ.):**

କେନ୍ଦୁଝର ତେଲକୋଇ ବନାଞ୍ଚଳରେ ହାତ ବୋମା ଫୁଟାଇ ବାରହା ଏବଂ ଭାଲୁ ଶିକାର କରିବା ଘଟଣାରେ ବନ ବିଭାଗ ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିଛିଦିନ ତଳେ ବନ ବିଭାଗ ବୋମା ମାଡ଼ରେ କ୍ଷତବିକ୍ଷତ ହୋଇଥିବା ଏକ ବାରହାର ମୃତଦେହ ଜବତ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଲୁଲୁ ମୁଣ୍ଡା, ଗୁରୁଚରଣ ନାୟକ, ସୁରେଶ ମୁଣ୍ଡା, କ୍ଷୀରୋଦ ନାୟକ। ସେମାନଙ୍କ ଘର ତେଲକୋଇ ବ୍ଲକ ଅଞ୍ଚଳରେ ବୋଲି ଜଣାପଡିଛି। କିଛି ଦିନ ତଳେ ସେମାନେ ହାତ ବୋମା ଖଞ୍ଜି ଉକ୍ତ ବାର୍‌ହାକୁ ମାରି ଦେଇଥିଲେ। ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟାରେ ବାର୍‌ହା ଶିକାର ହେଉଥିବାରୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ଅଧିକ ସଚେତନ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସେହିପରି ବଡବିଲ ରେଞ୍ଜ୍ ଅଞ୍ଚଳରୁ ବାରହା, ହାତୀ ଶିକାର ପାଇଁ ରୋଇଡା ଜଙ୍ଗଲରେ ଫାଶ ବସାଯାଇଥିବା ପ୍ରାୟ ୩୦୦ ଫୁଟର ତାର ବନ ବିଭାଗ ଜବତ କରିଛି। ସେହିପରି ଭାଲୁ ମାରିଥିବା ଘଟଣାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କାର୍ତ୍ତିକ ସାହୁ, ବୀର କିଶୋର ସାହୁ, କାହ୍ନୁ ଜୁଆଙ୍ଗ ଓ ହାବର ମୁଣ୍ଡା। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଡି.ଏଚ୍ କହିଛନ୍ତି, ଛାଡଖାଇ ପାଇଁ ଶିକାରୀମାନେ ଜଙ୍ଗଲରେ ଫାଶ, ବୋମା ଆଦି ବସାଉଥିବାରୁ ଚଢାଉ କରାଯାଉଛି । ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାର ଅଭିଯୋଗରେ ୧୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି।

# ୨୫ ଲକ୍ଷ ଟଙ୍କାର ଗହଣା ଲୁଟ୍

**ଭଦ୍ରକ ଅଫିସ, ୨୦।୧୧**

ଭଦ୍ରକ ସହରରେ ପୁଣି ଲୁଟେରାଙ୍କ ଆତଙ୍କରାଜ। ଶୁକ୍ରବାର ବିଳମ୍ବିତ ରାତିରେ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ଏକ ଜୁଏଲାରି ଦୋକାନ ମାଲିକଙ୍କଠାରୁ ସୁନା ରୂପା ଭର୍ତ୍ତି ବ୍ୟାଗ୍ ଲୁଟ୍ ହୋଇଛି। ପ୍ରାୟ ୨୫ ଲକ୍ଷ ଟଙ୍କାର ଗହଣା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫ଶହ ମିଟର ଦୂରରେ ଥିବା କୋଲକାତା ଜୁଏଲର୍ସ ଦୋକାନୀ ଗୋବିନ୍ଦ ଦାସ ଦୋକାନ ବନ୍ଦ ବେଳେ ସୁନାଗହଣା ଓ ରୁପା ଘରକୁ ନେବା ପାଇଁ ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ। ଉକ୍ତ ବ୍ୟାଗ୍‌କୁ ତଳେ ରଖି ସେ ଦୋକାନରେ ତାଲା ପକାଉଥିବା ବେଳେ ଜଣେ ଲୁଟେରା ପହଞ୍ଚି ବ୍ୟାଗ୍ ନେଇ ପଳାଇ ଯାଇଥିଲେ। ନିକଟ ଦୋକାନରେ ଥିବା ମହିଳା ପାଟି କରିବାରୁ ଲୁଟେରା ଜଣଙ୍କ ଅନ୍ୟ ଜଣେ ସହଯୋଗୀଙ୍କ ବାଇକ୍‌ରେ ଚମ୍ପଟ ମାରିଥିଲେ। ଏନେଇ ଦୋକାନୀ ଗୋବିନ୍ଦଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ମାମଲା (ନଂ. ୪୩୬/୨୧) ରୁଜୁ କରି ତଦନ୍ତ ଚଳାଇଛି।

# ସମୁଦ୍ରକୁ ଖସି ମତ୍ସ୍ୟଜୀବୀ ଗୁରୁତର

**ବାହାନଗା,(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଦା ଗ୍ରାମର କାଳେନ୍ଦ୍ର ଦାସ(୫୦) ନାମକ ଜଣେ ମତ୍ସ୍ୟଜୀବୀ ସମୁଦ୍ରକୁ ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ବେଳେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ସେ ଖସିପଡିଥିଲେ। ତାଙ୍କୁ ରାତିରେ ସାଥି ମତ୍ସ୍ୟଜୀବୀମାନେ କୂଳକୁ ଆଣି ଗୋପାଳପୁର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ହିତାଧିକାରୀ ପାଇଲେ ହେଲ୍‌ଥ କାର୍ଡ



ପରଜଙ୍ଗ ବ୍ଲକର ଜଣେ ହିତାଧିକାରୀଙ୍କୁ ସ୍ମାର୍ଟକାର୍ଡ ପ୍ରଦାନ କରାଯାଉଛି।

**ଭୁବନ/ପରଜଙ୍ଗ/ହିନ୍ଦୋଳ, ୨୦।୧୧(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ ହେବା ପରେ ଢେଙ୍କାନାଳ ଜିଲାର ବିଭିନ୍ନ ବ୍ଲକ ଏବଂ ଏନ୍‌ଏସିରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାୟକ ଭୁବନ ବ୍ଲକ ଏବଂ ଏନ୍‌ଏସିରେ ହିତାଧିକାରୀଙ୍କୁ ହେଲ୍‌ଥ କାର୍ଡ ବାଣ୍ଟିଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ଜିଲା ପରିଷଦ ସଦସ୍ୟା ମାଳତୀ ନାଏକ, ପ୍ରବୋଧ ଦାସ, ତହସିଲଦାର ପ୍ରଭାସ ବେହୁରିଆ, ବିଡିଓ ଆଶୀର୍ବାଦ ପରିଡ଼ା, ମନ୍ତ୍ରୀଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଜି ରାଉତ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ମୋଟ ୨୪,୫୫୬ ଏବଂ ଏନ୍‌ଏସିର ୫,୩୧୮ ହିତାଧିକାରୀ ସ୍ୱାସ୍ଥ୍ୟ ବୀମା କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ପରଜଙ୍ଗ ବ୍ଲକର ୩୩,୦୩୩ ହିତାଧିକାରୀ ଉପକୃତ ହେବେ। ବିଡିଓ ବିନୋଦ ବେହେରାଙ୍କ ନେତୃତ୍ୱରେ ଏହାର ଶୁଭାରମ୍ଭ ହୋଇଛି। ଏବିଡିଓ ସଲିଳ ଦାସ, ତହସିଲଦାର ଖଗେଶ୍ୱର ପାତ୍ର, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲା ପରିଷଦ ସଭ୍ୟା ମମତା ପାଣି, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ସରପଞ୍ଚ ପ୍ରିୟଜିତ୍ ସାମଲ, ସମିତିସଭ୍ୟ ମୀନକେତନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ହିନ୍ଦୋଳ ବ୍ଲକ ଏବଂ ଏନ୍‌ଏସିରେ ବିଧାୟିକା ସୀମାରାଣୀ ନାୟକ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଉପଜିଲାପାଳ ଉଦୟ ମହାପାତ୍ର, ତହସିଲଦାର ସୁଶାନ୍ତ ମିଶ୍ର, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ମିଶ୍ର, ଅତିରିକ୍ତ ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।




**ଢେଙ୍କାନାଳରେ ସେଲ୍‌ଫି ପଏଣ୍ଟ:** ଢେଙ୍କାନାଳ ସାଇ କ୍ରୀଡ଼ା ଛାତ୍ରାବାସ ସମ୍ମୁଖରେ ପୌରସଂସ୍ଥା ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସେଲ୍‌ଫି ପଏଣ୍ଟକୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି।



ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ୮ମ ଶ୍ରେଣୀ ଛାତ୍ର ରଶ୍ମିରଞ୍ଜନ ନାୟକ ଶୁକ୍ରବାର ଡଙ୍ଗା ଭସାଇବାକୁ ଯାଇ ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇଥିଲେ। ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ଶନିବାର ଅଞ୍ଚଳବାସୀଙ୍କ ଦ୍ୱାରା ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା।

## ଚିହ୍ନଟ ହେଲେନି ପଜିଟିଭ୍

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ଶନିବାର କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୬୧ରେ ସୀମିତ ଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ପୂର୍ବରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନ୍‌ରେ ନିରୀକ୍ଷଣରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆଜି କ'ଣ କେଉଁଠି

ଅନୁଗୋଳ

- ଜାତୀୟ ମାନବାଧିକାର ପ୍ରଶିକ୍ଷଣ ଶିବିର। ସ୍ଥାନ- ମାରୱାଡି ଧର୍ମଶାଳା। ସମୟ- ପୂର୍ବାହ୍ନ ୧୧ ଘଟିକା
- ଏକ ଦିବସୀୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ। ସ୍ଥାନ- ରୋଟାରି ପବ୍ଲିକ ସ୍କୁଲ। ସମୟ- ପୂର୍ବାହ୍ନ ୧୦.୩୦ ଘଟିକା
- କ୍ୟାନସର ସ୍କ୍ରିନିଙ୍ଗ ସଚେତନ ଶିବିର। ସ୍ଥାନ-ମାରୱାଡି ଯୁବ ଭବନ। ସମୟ- ପୂର୍ବାହ୍ନ ୯ ଘଟିକା

# ୩୪୫ ପ୍ରକଳ୍ପ ଉଦ୍‌ଘାଟିତ, ୮୭ର ଶିଳାନ୍ୟାସ

**ଅନୁଗୋଳ ଅଫିସ, ୨୦।୧୧**


ସ୍ୱାସ୍ଥ୍ୟ ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରୁଛନ୍ତି।

ଅନୁଗୋଳ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଜିଲାବାସୀଙ୍କୁ ମୋଟ୍ ୧୧୭୬ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ଭେଟି ଦେଇଛନ୍ତି। ସେଥିରୁ ୨୫୨ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ୩୪୫ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବାବେଳେ ୯୨୩.୮୮ କୋଟି ଟଙ୍କାର ୮୭ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ୩୪୫ଟି ପ୍ରକଳ୍ପ ମଧ୍ୟରୁ ପୂର୍ତ୍ତ ବିଭାଗର ୨୪.୯୯ କୋଟି ଟଙ୍କାର ୭ଟି ପ୍ରକଳ୍ପ ରହିଛି। ଆରଡବ୍ଲ୍ୟୁଡି ବିଭାଗର ୧୮.୮୮ କୋଟି ଟଙ୍କାର ୩ଟି ପ୍ରକଳ୍ପ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ୬୪.୦୪ କୋଟି ଟଙ୍କାର ୫୫ ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୪୬.୩୧ କୋଟି ଟଙ୍କାର ୧୮୯ ପ୍ରକଳ୍ପ, ଗୃହ ଓ ନଗର ଉନ୍ନୟନ ବିଭାଗ (ଜନସ୍ୱାସ୍ଥ୍ୟ)ର ୬.୨୦ କୋଟି ଟଙ୍କାର ୩ ପ୍ରକଳ୍ପ, ଅନୁଗୋଳ ପୌରପାଳିକାର ୭.୫୦ କୋଟି ଟଙ୍କାର ଗୋଟିଏ ପ୍ରକଳ୍ପ, କ୍ରୀଡ଼ା ଓ ଯୁବସେବା ବିଭାଗର ୩.୬୪ କୋଟି ଟଙ୍କାର ଗୋଟିଏ ପ୍ରକଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ୫୭.୫୫ କୋଟି ଟଙ୍କାର ୮୫ ପ୍ରକଳ୍ପ, ଜଳ ଅମଳ ପ୍ରକଳ୍ପ (ମେଗା ଉଠା ଜଳସେଚନ ପ୍ରକଳ୍ପ)ର ୨୩.୫୦ କୋଟି ଟଙ୍କାର ଗୋଟିଏ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଛି। ସେହିପରି ଶିଳାନ୍ୟାସ କରାଯାଇଥିବା ପ୍ରକଳ୍ପ ମଧ୍ୟରେ ପୂର୍ତ୍ତ ବିଭାଗର ୩୦୪.୨୯ କୋଟି ଟଙ୍କାର ୨୩ଟି ପ୍ରକଳ୍ପ, ଆରଡବ୍ଲ୍ୟୁଡି ବିଭାଗର ୧୮.୦୭ କୋଟି ଟଙ୍କାର ୨ଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୪୮୯.୪୯ କୋଟି ଟଙ୍କାର ୮ ପ୍ରକଳ୍ପ, ଗୃହ ଓ ନଗର ଉନ୍ନୟନ ବିଭାଗ (ଅନୁଗୋଳ ପୌରପାଳିକା)ର ୯.୮୦ କୋଟି ଟଙ୍କାର ୩ଟି, ତାଳଚେର ପୌରପାଳିକାର ୩୦.୩୯ କୋଟି ଟଙ୍କାର ୪ଟି, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରକଳ୍ପ ୮ କୋଟି ଟଙ୍କାର ୨ଟି, ଜଳ ଅମଳ ପ୍ରକଳ୍ପ(ଉଠା ଜଳସେଚନ)ର ୭.୮୪ କୋଟି ଟଙ୍କାର ୪୩ଟି, ସ୍ୱାସ୍ଥ୍ୟ ବିଭାଗ (ଜିଲା ଖଣିଜ ପାଣ୍ଠି) ୫୬ କୋଟି ଟଙ୍କାର ୨ଟି ପ୍ରକଳ୍ପ ଆଦିକୁ ମିଶାଇ ମୋଟ ୮୭ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ଓଡ଼ିଶା ଗ୍ରାମ୍ୟ ଓ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ମୀନକେତନ ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସାର୍ଥକ ଷଡଙ୍ଗୀ, ଏସ୍‌ପି ଜଗମୋହନ ମୀନା ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର ବଇତୁରା ଦୀପ୍, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।

## ଆର୍‌ପିଏଫ୍ ଡିଆଇଜିଙ୍କ ଷ୍ଟେଶନ ପରିଦର୍ଶନ


ଡିଆଇଜିଙ୍କୁ ସ୍ୱାଗତ କରାଯାଉଛି।

**ଅନୁଗୋଳ ଅଫିସ, ୨୦।୧୧**

ଭୁବନେଶ୍ୱର ରେଳ ସୁରକ୍ଷା ବଳର ଡିଆଇଜି ରାଜା ରାମ୍ ଶନିବାର ଅନୁଗୋଳ ଷ୍ଟେଶନ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ଡିଆଇଜି ପହଞ୍ଚିବା ସହ ଦିନ ତମାମ୍ ଆର୍‌ପିଏଫ୍‌ର ବିଭିନ୍ନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଅନୁଗୋଳ ଆର୍‌ପିଏଫ୍ ପୋଷ୍ଟକୁ ଯାଇ ସେଠାରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ରେଲୱେ ଷ୍ଟେଶନ୍‌ରେ ସିସିଟିଭି ଓ ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ପାସେଞ୍ଜରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଷ୍ଟେଶନ ପରିସରରେ ସେ ଚାରା ରୋପଣ କରିଥିଲେ। ଡିଆଇଜିଙ୍କ ଏହି ପରିଦର୍ଶନ ବେଳେ ଅନୁଗୋଳ ଆର୍‌ପିଏଫ୍ ଅଧିକାରୀ ଅଭିମନ୍ୟୁ ନାୟକ ଓ କମାଣ୍ଡାଣ୍ଟ ଏମ୍. ସମ୍ବାଶିବା ରାଓଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦାୟିତ୍ୱ ହସ୍ତାନ୍ତର କଲେ ରମେଶ



ଅନୁଗୋଳ ଅଫିସ, ୨୦।୧୧- ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ପଦୋନ୍ନତି ସହ କମିଶନରେଟ୍ ପୋଲିସକୁ ବଦଳି ହୋଇଛି। ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ବିଶୋଇ ଶନିବାର ଅନୁଗୋଳ ଥାନାର ସମସ୍ତ ଭାର ଏସ୍‌ଆଇ ପ୍ରକାଶ ମାଝିଙ୍କୁ ହସ୍ତାନ୍ତର କରିଛନ୍ତି। ୨୦୧୮ ମାର୍ଚ୍ଚ ୭ ତାରିଖରେ ବିଶୋଇ ଥାନା ଅଧିକାରୀ ଭାବେ ଅନୁଗୋଳରେ ଯୋଗ ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ବ୍ୟାଙ୍କ ଡକାୟତି, ଏଟିଏମ୍ ଲୁଟ୍, କାଙ୍ଗୁଲା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା, କୋର୍ଟ ହାଜତରୁ ଝସକେତନ ଫେରାର ହେବା ଏବଂ ବସ୍‌ଷ୍ଟାଣ୍ଡରେ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଉଦ୍ୟମ ପରି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାରେ ପୋଲିସକୁ ସଫଳତା ମିଳିଥିଲା। ଏଥିସହ ହାଇୱେ ଲୁଟେରାମାନଙ୍କୁ ମଧ୍ୟ ସାବାଡ଼୍ କରାଯାଇଥିଲା।

## ହାତୀ ମୃତ୍ୟୁ ଘଟଣା, ଜଣେ ଗିରଫ

କଣିହାଁ,୨୦।୧୧(ଡି.ଏନ.ଏ.)- ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଶନିବାର ଚନ୍ଦ୍ରବିଲ ଗ୍ରାମର ନନ୍ଦ ପ୍ରଧାନଙ୍କୁ କଣିହାଁ ବନ ବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ଚଳିତ ବର୍ଷ କମରେଇ ପଞ୍ଚାୟତ ଡିହତଇଲା ସାହିରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍ ତାର ବିଛାଇବା ଯୋଗୁ ଏପରି ଅଘଟଣ ଘଟିଥିଲା। ଏହି ମାମଲାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଫେରାର ଥିବା ଚନ୍ଦ୍ରବିଲ ଗ୍ରାମର ନନ୍ଦ ପ୍ରଧାନଙ୍କୁ ଗିରଫ କରାଯାଇଥିବା କଣିହାଁ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି ସୂଚନା ଦେଇଛନ୍ତି।

## କାଠ ଜବତ, ଜଣେ ଗିରଫ

ଆଠମଲ୍ଲିକ,୨୦।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମହେନ୍ଦ୍ରପୁର ଗ୍ରାମର କୁସୁମଲଟି ନିକଟରୁ ଶୁକ୍ରବାର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଗୌରଚନ୍ଦ୍ର ଦନ୍ତା ଚଢ଼ାଉ କରି କାଠଗଣ୍ଡି ଜବତ କରିଛନ୍ତି। ଏହି ଘଟଣାରେ ବିରମହାରାଜପୁର ଥାନା ସାନ କିରାସିରା ଗ୍ରାମର ଅଯତ୍ନ ନାଏକ(୨୭)ଙ୍କୁ ଗିରଫ କରାଯାଇଛି। ତଲେଇପଥର ସଂରକ୍ଷିତ ଜଙ୍ଗଲରୁ କାଠ କାଟି ଅଯତ୍ନ ମହେନ୍ଦ୍ରପୁର ଗ୍ରାମର କୁସୁମଲଟି ଗ୍ରାମରେ ଲୁଚାଇ ରଖିଥିଲେ। ଖବରପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ବନାଞ୍ଚଳ ଅଧିକାରୀ ଦନ୍ତାଙ୍କ ସମେତ ବନପାଳ ସତ୍ୟବାନ ମାହାର, ବନରକ୍ଷୀ ଦିପ୍ତୀମୟୀ ଦନ୍ତା, ଜଗୁଆଳି ରମେଶ ଡାଙ୍ଗ, ଦିବାକର ପାତ୍ର, ବିଦ୍ୟାଧର ପ୍ରଧାନ ଓ ନିରଞ୍ଜନ ପାତ୍ର ପ୍ରମୁଖ ସାମିଲ ଥିଲେ।

## ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନକୁ ବିରୋଧ

**ଖମାର,୨୦।୧୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାରସ୍ଥିତ ଜୟମଲ ଗ୍ରାମରେ ମେଗା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନକୁ ଶନିବାର ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଓଡ଼ିଶା ଜଳ ସମ୍ପଦ ବିଭାଗ ଦ୍ୱାରା ପାର୍ବତୀଗିରି ବୃହତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ରେଙ୍ଗାଳି ଜଳ ଭଣ୍ଡାରରୁ ପାଣି ଅଣାଯାଇ ଅଞ୍ଚଳର ୧୧୦୦ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା କରିବାକୁ ଉକ୍ତ ପ୍ରକଳ୍ପ ନିର୍ମାଣ ଚାଲିଛି। କାମ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବାବେଳେ ଠିକା ସଂସ୍ଥା ଏହାର ଉଦ୍‌ଘାଟନ ଯୋଜନା କରିଥିଲା। ଏଥିସହିତ ଏହି ଠିକା ସଂସ୍ଥାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ କାମ କରିଥିଲେ ମଧ୍ୟ ସେମାନଙ୍କ ପ୍ରାପ୍ୟ ମିଳିନାହିଁ। ତେଣୁ ଏହି ଉଦ୍‌ଘାଟନକୁ ଗ୍ରାମବାସୀ ଓ ଆଖାପାଖ ଅଞ୍ଚଳର ଲୋକମାନେ ବିରୋଧ କରିଥିଲେ। ଅଭିଯୋଗ ନେଇ ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି, ପ୍ରକଳ୍ପ ଉଦ୍‌ଘାଟନ ନେଇ କୌଣସି ଯୋଜନା ହୋଇ ନ ଥିଲା। ନୂଆ ମେଶିନ ଟେଷ୍ଟ କରାଯିବାକୁ ଥିବାରୁ ସେଥିପାଇଁ ସାଜସଜ୍ଜା କରାଯାଇଥିଲା।


ଜୟମଲ ଗ୍ରାମରେ ନିର୍ମାଣାଧୀନ ଥିବା ମେଗା ଜଳସେଚନ ପ୍ରକଳ୍ପ।


ଅନୁଗୋଳ ସହରର କେତେଜଣ ପିଲା ଲୁଗା ଦୋଳିରେ ଝୁଲୁଛନ୍ତି। (ଫଟୋ- ବୁବୁ)

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ଖମାର,୨୦।୧୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡ ଖମାର ଥାନା ବନର ଗ୍ରାମର ମିଲି ମହାକୁଡ(୩୨)ଙ୍କୁ ଅଧିକ ଯୌତୁକ ପାଇଁ ଶୁକ୍ରବାର ହତ୍ୟା କରାଯାଇଥିବା ତାଙ୍କ ଭାଇ ବରକଳାପାଳ ଗ୍ରାମର ତ୍ରିପୁର ମହାକୁଡ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ନଂ. ୨୨୧/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପଳଉ ମହାକୁଡଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ କହିଛନ୍ତି, ମିଲିଙ୍କୁ ତାଙ୍କ ସ୍ୱାମୀ ମାରି ଟାଙ୍ଗି ଦେଇଥିବା ଭାଇ ତ୍ରିପୁର ୧୯ ତାରିଖ ରାତିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଅଧିକ ତଦନ୍ତ ପରେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପଳଉ କହିଛନ୍ତି, ବାପଘର ସହ ସମ୍ପର୍କ ଭଲ ନ ଥିବାରୁ ମିଲି ଆତ୍ମହତ୍ୟା କରିଛନ୍ତି।

## ଦୋକାନ ଭିତରକୁ ପଶିଗଲା ଟ୍ରେଲର

**ଅନୁଗୋଳ ଅଫିସ, ୨୦।୧୧**

ଅନୁଗୋଳ ସହରର ଡିଆଇସି ଛକରେ ଥିବା ଏକ ଗ୍ରସେରି ଦୋକାନ ଉପରକୁ ଶନିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଟ୍ରେଲର ମାଡ଼ି ଯାଇଥିଲା। ତେବେ ଏହି ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ଡିଆଇସି ଛକରେ ଟ୍ରେଲରଟି ସକାଳୁ ଛିଡ଼ା ହୋଇଥିଲା। ମଧ୍ୟାହ୍ନ ସାଢ଼େ ୧୨ଟା ବେଳକୁ ନିଶାଶକ୍ତ ଅବସ୍ଥାରେ ଥିବା ଚାଳକ ଟ୍ରେଲର ଚଳାଇବା କ୍ଷଣି ଭାରସାମ୍ୟ ହରାଇ ସମ୍ମୁଖରେ ଥିବା ଅଞ୍ଜନ ଲେଙ୍କାଙ୍କ ଗ୍ରସେରି ଦୋକାନ ଉପରକୁ ମାଡ଼ି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ଦେଖିବାକୁ ମିଳିଥିଲା।


ଦୋକାନ ଭିତରକୁ ପଶିଯାଇଥିବା ଟ୍ରେଲର।

## ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ସମ୍ପର୍କରେ ସଚେତନତା

**ପାଲଲହଡ଼ା,୨୦।୧୧(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଶନିବାର ଅନୁଗୋଳ ଜିଲା ଯୋଡ଼ି ହେବା ପରେ ପାଲଲହଡ଼ା ଉପଖଣ୍ଡ ପକ୍ଷରୁ ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ ହୋଇଛି। ସ୍ଥାନୀୟ କଚେରୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଦିଲୀପ କୁମାର ବାରା ପ୍ରମୁଖ ଯୋଗଦେଇ ଏହି ଯୋଜନା ସମ୍ପର୍କରେ ହିତାଧିକାରୀମାନଙ୍କୁ ସଚେତନ କରିଥିଲେ। ଉପଖଣ୍ଡର ୩୨ ହଜାର ୬୨୧ ହିତାଧିକାରୀ ଏହାଦ୍ୱାରା ଲାଭାନ୍ୱିତ ହେବେ ବୋଲି କୁହାଯାଇଥିଲା। ଆସନ୍ତା ରବିବାର ଠାରୁ ପଞ୍ଚାୟତସ୍ତରରେ ଏହି କାର୍ଡକୁ ସ୍ଥାନୀୟ ବିଧାୟକ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଥିବା କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ ନବକିଶୋର ନାଏକ ସୂଚନା ଦେଇଛନ୍ତି।

## ଭାଜପା ପକ୍ଷରୁ ରାସ୍ତାରୋକୋ


ଭାଜପା କର୍ମୀମାନେ ରାଜପଥ ଅବରୋଧ କରିଛନ୍ତି।

**ବଇଣ୍ଡା,୨୦।୧୧(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଗୋଳ ଜିଲା ଗସ୍ତକୁ କିଶୋରନଗର ବ୍ଲକ ଭାଜପା ପକ୍ଷରୁ ଶନିବାର ବିରୋଧ କରାଯାଇଥିଲା। ବଇଣ୍ଡା ଛକଠାରେ ଭାଜପା ପକ୍ଷରୁ ରାସ୍ତାରୋକୋ ସହ ବିକ୍ଷୋଭ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଅରବିନ୍ଦ ସାହୁ, ଘନଶ୍ୟାମ ବେହେରା, ରାଜେନ୍ଦ୍ର ସାହୁ, ଲୁଲୁ ସାହୁ, ବାପି ବେହେରା, ବିଜୟ ସାହୁ, ପ୍ରଶ୍ନ ବେହେରା, ଗୋପୀନାଥ ବେହେରାଙ୍କ ସମେତ ବହୁ କର୍ମୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି୧ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ବଇଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୨ ଜଣଙ୍କୁ ଗିରଫ କରିଥିଲା।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

**ତାଳଚେର,୨୦।୧୧(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ସହରସ୍ଥିତ ଏକ ହୋଟେଲ ସମ୍ମୁଖରେ ଶନିବାର ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ କଣିହାଁ ବ୍ଲକ ପବିତ୍ରନଗରର ସୁଶାନ୍ତ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ସେ ଢେଙ୍କାନାଳ ଏମ୍‌ପିଙ୍କ କାର୍ଯ୍ୟାଳୟରେ ସହାୟକ ଭାବେ କାର୍ଯ୍ୟ କରୁଥିଲେ ବୋଲି ସୂଚନା ମିଳିଛି। କୌଣସି କାର୍ଯ୍ୟରେ ସୁଶାନ୍ତ ସକାଳେ ସ୍କୁଟି ନେଇ ଯାଉଥିବାବେଳେ ପଛରୁ ଆସୁଥିବା ଟ୍ରକ୍ ତାଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ତାଳଚେର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ମୋବାଇଲ ଟାୱାର ପାଇଁ ଦାବିପତ୍ର

**ବଇଣ୍ଡା,୨୦।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ କଣ୍ଟେଇକୋଳିଆ ପଞ୍ଚାୟତରେ ଥିବା ଅପହଞ୍ଚ ଇଲାକାରେ ମୋବାଇଲ ଟାୱାର ନିର୍ମାଣ ପାଇଁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ସୁଜିତ କୁମାର ମହାପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, କଣ୍ଟେଇକୋଳିଆ ପଞ୍ଚାୟତରେ ରାଜନପାଳ, ଗୁଣ୍ଡୁରୀଝରଣ, ବାଲିଆମ୍ବ, ଲକ୍ଷ୍ମୀପ୍ରିୟାପୁର, ହିଞ୍ଜିରିଡା, ଚାରିଖମଣ, କୁଣ୍ଡାଳି, ପୁରୁଣାପାଣି ସମେତ ୧୫ ଖଣ୍ଡ ଗ୍ରାମରେ ମୋବାଇଲ ନେଟୱାର୍କ ନାହିଁ। ଫଳରେ ସରକାରୀ ଯୋଜନା ସମ୍ପର୍କରେ ଲୋକେ ଅବଗତ ହୋଇପାରୁ ନାହାନ୍ତି। ତୁରନ୍ତ କୌଣସି ବେସରକାରୀ ସଂସ୍ଥା କିମ୍ବା ସରକାରୀ ସଂସ୍ଥା ପକ୍ଷରୁ ଏକ ମୋବାଇଲ ଟାୱାର ନିର୍ମାଣ ପାଇଁ ଦାବି କରାଯାଇଛି।

## ଦିଅଁଘରକୁ ବାହୁଡ଼ିଲେ ମା' ଲୋଭୀ

**ବଅଁରପାଳ,୨୦।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ତୁଳସୀପାଳ ଓ ଗଡ଼ସନ୍ତ୍ରୀ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା'ଲୋଭୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହେଉଛି। ଶୁକ୍ରବାର ବିରାଟ ଶୋଭାଯାତ୍ରାରେ ଦିଅଁଘରୁ ମା'ଙ୍କ ଆଲମକୁ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଦେବୀଙ୍କ ବିଧିପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ଦେବୀଙ୍କୁ ତୁଳସୀପାଳସ୍ଥିତ ଦିଅଁଘରକୁ ଫେରାଇ ନିଆଯାଇଛି। ସେଠାରେ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ ମାଝି, ସମ୍ପାଦକ ଭଜମନ ମହାନ୍ତି ପ୍ରକାଶ କରିଛନ୍ତି।

# ରାଶନ ସାମଗ୍ରୀ ପାଇଁ ୪୦ କି.ମି.

**ବଇଣ୍ଡା,୨୦।୧୧(ଡି.ଏନ.ଏ.)**

- ୧୫ ପରିବାର ହେଉଛନ୍ତି ହଇରାଣ
- ମାସକୁ ଥରେ ଯାଉଛନ୍ତି ୨ଟି ଅଟୋରେ
- ଜିଲାପାଳଙ୍କ ନିକଟରେ କଲେ ଅଭିଯୋଗ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ୧୫ ପରିବାର।

ରହୁଛନ୍ତି ଗୋଟିଏ ପଞ୍ଚାୟତରେ। ଭୋଟର ପରିଚୟପତ୍ର ଅଛି ଅନ୍ୟ ପଞ୍ଚାୟତରେ। ଏହି କାରଣରୁ ୧୫ ପରିବାର ହେଉଛନ୍ତି ହଇରାଣ। ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନେ ସାମିଲ ଥିଲେ ମଧ୍ୟ ଟଙ୍କିକିଆ ଚାଉଳ ଆଣିବାକୁ ସେମାନଙ୍କୁ ୪୦ କିଲୋମିଟର ଦୂର ଯିବାକୁ ପଡୁଛି। ଏଥିପାଇଁ ୨ଟି ଅଟୋକୁ ଅଧିକ ଟଙ୍କା ଦେବାକୁ ହେଉଛି। ତେଣୁ ରହୁଥିବା ପଞ୍ଚାୟତରେ ସେମାନଙ୍କୁ ମିଶ୍ରଣ କରିବାକୁ ସମ୍ପୃକ୍ତ ପରିବାର ସଦସ୍ୟମାନେ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଲକ୍ଷ୍ମୀପୁର ଅନୁଗୁଳିଆ ସାହିରେ ୧୫ ପରିବାର ବସବାସ କରୁଛନ୍ତି। ହେଲେ ୪୦ କିଲୋମିଟର ଦୂର ଛେଣ୍ଡିପଦା ବ୍ଲକ କତଡା ପଞ୍ଚାୟତର ଭୋଟର ଲିଷ୍ଟରେ ସେମାନଙ୍କ ନାମ ରହିଛି। ତେଣୁ ସମସ୍ତ ସରକାରୀ ଯୋଜନା କତଡା ପଞ୍ଚାୟତରୁ ମିଳୁଛି। ବିଶେଷକରି ଜଙ୍ଗଲାଞ୍ଚଳରେ ରହୁଥିବାରୁ ସରକାରୀ ଯୋଜନା ସେମାନଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିପାରୁନାହିଁ। ପ୍ରତ୍ୟେକ ମାସରେ ୧୫ ପରିବାର ରାଶନ ସାମଗ୍ରୀ ପାଇଁ ୪୦ କିଲୋମିଟର ଦୂର କତଡା ପଞ୍ଚାୟତକୁ ଯାଉଛନ୍ତି। ଏଥିପାଇଁ ମାସକୁ ଥରେ ୨ଟି ଅଟୋ ଭଡା କରିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ତେଣୁ ସେମାନଙ୍କୁ ସାପଘରା ପଞ୍ଚାୟତରେ ମିଶ୍ରଣ କରିବା ପାଇଁ ସାହିବାସୀ ବହୁବାର ଜିଲାପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନିରଞ୍ଜନ ବେହେରା, ସୁଭଦ୍ରା ନାୟକ, ପ୍ରଫୁଲ୍ଲ ସାହୁ, ପ୍ରମୋଦ ବେହେରା, ବିପିନ ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ କହିଛନ୍ତି, ସାହିବାସୀଙ୍କ ସମସ୍ୟା ସମାଧାନ ସହ ସାପଘରା ପଞ୍ଚାୟତରେ କିଭଳି ମିଶିବେ ସେ ନେଇ ଜିଲାପ୍ରଶାସନକୁ ଅବଗତ କରାଯିବ।

## ମଦ ଜବତ, ୨ ଗିରଫ



**ବଇଣ୍ଡା,୨୦।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବର୍ଦ୍ଦିପାଳି ଗ୍ରାମ ନିକଟରେ ଶନିବାର ବଇଣ୍ଡା ଅବକାରୀ ବିଭାଗ ଚଢାଉ କରି ୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ଶମ୍ଭୁନାଥ ବେହେରା ଓ ପବିତ୍ର ବେହେରାଙ୍କୁ ଗିରଫ କରାଯାଇଛି। ଉଭୟେ ବାଇକ ଯୋଗେ ବୁଦୁଲିମୁଣ୍ଡା ଗ୍ରାମରୁ ମଦ ଚାଲାଣ କରୁଥିବାବେଳେ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡନାୟକଙ୍କ ସମେତ କର୍ମଚାରୀମାନେ ଚଢାଉ କରିଥିଲେ।

